## ସମ୍ପାଦକଙ୍କୁ ପତ୍ର

# ସଂଯମତା ହିଁ ବର୍ତ୍ତମାନର ପନ୍ଥା

ଆମ୍ଭେମାନେ କରୋନା ସଂକ୍ରମଣର ଭୟାବହତାକୁ ନେଇ ବର୍ତ୍ତମାନର ସ୍ଥିତିରେ ଯେତେ ସଚେତନ ହେଲେ ମଧ୍ୟ କରୋନା କାୟାର ମାଧ୍ୟାକର୍ଷଣରେ ଟାଣି ହୋଇ ତା'ରି କକ୍ଷପଥରେ ଆବର୍ତ୍ତନ ଓ ପରିକ୍ରମଣ କରୁଛେ ଅନ୍ତହୀନ ବଞ୍ଚିବାର ଭରସା ନେଇ ଏକ ସଂଘର୍ଷ ମଧ୍ୟରେ । ଦିନକୁ ଦିନ ସାରା ବିଶ୍ୱରେ କରୋନା ସଂକ୍ରମିତଙ୍କ ସଂଖ୍ୟା ବୃଦ୍ଧି ପାଉଥିବା ବେଳେ ତଜ୍ଜନିତ ମୃତ୍ୟୁବରଣ କରୁଥିବା ରୋଗୀଙ୍କ ସଂଖ୍ୟାକୁ ଦେଖିଲେ ଅଦ୍ୟାବଧି ଜଣାଯାଏ ଯେ ଆଜିର ଆଧୁନିକ ଚିକିତ୍ସା ବିଜ୍ଞାନ କରୋନା ଆଗରେ ବିବଶ । କରୋନା ବିଭୀଷିକାର ଅନ୍ତ କେବେ ଘଟିବ, ଭାବିଲେ ନିରାଶ ହେବାକୁ ପଡ଼େ । ତେବେ ଏ ସାମ୍ପ୍ରତିକ ସମ୍ବେଦନଶୀଳ କରୋନା ଲଢ଼େଇ ପ୍ରସଙ୍ଗରେ ନିଜକୁ ରକ୍ଷା କରିବା ପାଇଁ ନିଜେ ଜଣେ ଯୋଦ୍ଧା ରୂପେ ଅବତୀର୍ଣ୍ଣ ହେବାକୁ ପଡୁଛି । କରୋନାରୁ ବଞ୍ଚିବା ପାଇଁ ଏବେ ଆମ୍ଭମାନଙ୍କ ଜୀବନଶୈଳୀରେ ଅଧିକ ସତର୍କ ରହିବାର ଆବଶ୍ୟକତା ରହିଛି ଯାହା ସମସ୍ତେ ନିଷ୍ଠାପର ଭାବେ ମାସ୍କ ବ୍ୟବହାର କରିବା ଓ ନିଜକୁ ସମାଜିକ ଏବଂ ଧାର୍ମିକ ସମାବେଶଠାରୁ ଦୂରତ୍ୱ ମଧ୍ୟରେ ରଖିବାର ସଚେତନତାତ୍ମକ ବାର୍ତ୍ତା ଓ ଭାବନାକୁ ହୃଦୟଙ୍ଗମ କରି ସରକାରଙ୍କ ନୀତିନିୟମ ସହ ଆନ୍ତରିକ ସହଯୋଗରେ ସଙ୍କଳ୍ପବଦ୍ଧ ହେବା ପରମ କର୍ତ୍ତବ୍ୟ ବୋଲି ହୃଦୟଙ୍ଗମ କରିବା ଉଚିତ । କରୋନା ସର୍ବତ୍ର । ଏଥିପାଇଁ କେତେକ ଟୀକା ଉଦ୍ଭାବନ କରାଯାଇ ମାନବ ଶରୀର ଉପରେ ପରୀକ୍ଷା କରାଯାଉଛି ବୋଲି ଶୁଣିବା ପରେ ମନରେ ଆଶ୍ୱସ୍ତି ଆସିଛି । ତେବେ ଏହା ଏତେ ଶୀଘ୍ର ସମ୍ଭବପର ହେବାକୁ ନଥିବାରୁ ସମସ୍ତେ ବର୍ତ୍ତମାନ ସଂଯମତା ରକ୍ଷା କରିବା ସହିତ ସାଧାରଣ ସ୍ୱାସ୍ଥ୍ୟରକ୍ଷାର ନିୟମକୁ କଡ଼ାକଡ଼ି ପାଳନ କରିବା ଉଚିତ । ■

-ଅଶୋକ କୁମାର ଅଢ୍ୟ, ସଭାପତି, ଆର୍ତ୍ତତ୍ରାଣ ସେବା ସଂସଦ, ପୁରୀ

ନିତିଦିନ NITIDIN
Sun, Aug 2, 2020
http://odishanewsnitidin.com